# ନିଜକୁ ସୁଧାରିବ ନିଜେ

ଶ୍ରୀମତୀ ଶରତ କୁମାରୀ ସ୍ୱାଇଁ

ପୁଅର ବିକଳ ରଡ଼ି ଶୁଣି କେତକୀ ବଣ ଗାତ ଭିତରୁ ବାହାରି ଆସିଲା ଚମ୍ପେଇ । ପିଲାଟା କାନମୁଣ୍ଡାକୁ ରାମ୍ପୁଡ଼ି ରାମ୍ପୁଡ଼ି ସରୁ ଲାଞ୍ଜଟାକୁ ପିଟିପିଟି ଏ ମୁଣ୍ଡରୁ ସେମୁଣ୍ଡ ଗଡୁଥାଏ । ପୁଅକୁ ଦେଖି ଚମ୍ପେଇ କାବା ହୋଇଗଲା । ମାଆ ମନତ- କେତେ ଆଉ କେତେ କଥା ଭାବିଗଲା ସିଏ । ପାଖକୁ ଯାଇ ପଚାରିଲା- କ'ଣ ହେଲା ତୋର ? ଏମିତି ଗଡୁଛୁ କାହିଁକି ?



ବକଟେନାକୁ ମୂଷାଛୁଆ ଚିଣ୍ଟୁଆ । ମାଆକୁ ଦେଖି କାନ୍ଦି କାନ୍ଦି କହିଲା- "ରଙ୍ଗି ଉଇର ଛୁଆଗୁଡ଼ାକ ମୋ କାନ ଆଉ ମୁହଁ ସାରା କାମୁଡ଼ି ପକେଇଲେ । ଭାରି କାଟୁଚି ମତେ ।"

ପୁଅକଥା ଶୁଣି ଚମ୍ପେଇର ରାଗ ତାଳୁକୁ ଚଢ଼ିଗଲା । କହିଲା- "କ'ଣ କହିଲୁ... ରଙ୍ଗି ଛୁଆଙ୍କର ଏଡ଼େ ବହପ.. !

ମୋ ପୁଅକୁ କାମୁଡ଼ିଛନ୍ତି... ଚାଲ୍ ତା ପାଖକୁ । ମତେ କ'ଣ ସେ ଚିହ୍ନିନି... ?

ପୁଅକୁ ସାଙ୍ଗରେ ନେଇ ଚମ୍ପେଇ ତାଳଗଛ ମୂଳ ଉଇ ହୁଙ୍କା ପାଖରେ ଯାଇ ପହଞ୍ଚିଗଲା । ଗର୍ଜନ କରି ଡାକ ପକେଇଲା- "ଏ' ରଙ୍ଗି ! ବାହାରି ଆ' ଘରୁ। ଡାକ୍ ତୋ ଛୁଆଙ୍କୁ। କେଡ଼େ ବହପ ତୁମର... ମୋ ଛୁଆକୁ ତୁମେ କାମୁଡ଼ିଛ...।"

ଚମ୍ପେଇର ଗର୍ଜନ ଶୁଣି ରଙ୍ଗି ଉଇ ବାହାରି ଆସିଲା ହୁଙ୍କା ଭିତରୁ। ପଛେ ପଛେ ଛୁଆ ସବୁ ତାର ଧାଡ଼ି ଲାଗିଥା'ନ୍ତି। ସବୁଠୁ ସାନ ଦିଶୁଥିବା ଉଇ ଛୁଆଟି ଚିଣ୍ଟୁଆ ଆଡକୁ ଚାହିଁ କହିଲା- "ଆମର ଏଡ଼େ ସୁନ୍ଦର ଘରକୁ ଭାଙ୍ଗିଦେଲା- ଆମେ କ'ଣ ତାକୁ ଛାଡ଼ି ଥାଆନ୍ତୁ... ?"

ଚମ୍ପେଇର ରାଗ ଆହୁରି ବଢ଼ିଗଲା। ରାଗ ତମତମ ହୋଇ କହିଲା- "ପିଲା ଲୋକ, ଅଜାଣତରେ ଗାତ ଖୋଳି ଖୋଳି ଯଦି ତମ ଘର ପାଖରେ ପହଞ୍ଚିଗଲା - ହେଲା କ'ଣ ?"

ରଙ୍ଗି କହିଲା- "ଘର ଭାଙ୍ଗି, ଖୋଳି ତାଡ଼ି ମୋ ଛୁଆଙ୍କୁ ଉଚ୍ଛନ୍ନ କରିଦେଲା। କହୁଛୁ କ'ଣ ନା, ହେଲା କ'ଣ ? ତମେ ମୂଷାଗୁଡ଼ାକ କ'ଣ ଖାଲି ଏମିତି ନଷ୍ଟ କରିବା ଜାଣ ?"

ଝିଙ୍କାରି ଉଠି ଚମ୍ପେଇ କହିଲା- "କ'ଣ ଏମିତି ଦେଖିଲୁ ଯେ- ଆମ ମୂଷା ଜାତିର ଦୋଷ ଦେଇ ପକେଇଲୁ...। ଆମେ ସବୁ ନଷ୍ଟ କରି ଦେଉଛୁ- ଆଉ ତମେ ଉଇମାନେ କ'ଣ କାଟିକୁଟି ନଷ୍ଟ କରୁନ.... ?"

ଟିକିଏ ଆଗକୁ ଆସି ରଙ୍ଗି କହିଲା- "ହଁ.. ଆମେ କାଟୁଛୁ ଯେ... ହେଲେ ପେଟ ପାଇଁ ତ ଏତେ ନାଟ। ଆମେ ଯେତିକି ଖାଉ ସେତିକି କାଟୁ। କିନ୍ତୁ ତମେମାନେ ?"

ଆଗକୁ କୁଦି ପଡ଼ି ଚିଣ୍ଟୁଆ କହିଲା- "କ'ଣ କରୁଛୁ ଆମେ ?" ବାଆଁ ପଟକୁ ଦେଖେଇ ଦେଇ ରଙ୍ଗି କହିଲା- "ହେଇ ଦେଖ୍ ହୁଡ଼ା ତଳର ସେଇ ଧାନ ଜମିକୁ। ଜମିଟା ସାରା ଗାତ। ଧାନକେଣ୍ଡା ଗୁଡ଼ା କାଟିକୁଟି ନେଇ ସବୁ ସେଥିରେ ଜମେଇଛ। ସବୁଗୁଡ଼ାକ କ'ଣ ଖାଇବ .... ?"

-ଆମେ ଖାଇବୁ ନାହିଁ ବୋଲି ତୁ ଜାଣିଲୁ କେମିତି ? ଚମ୍ପେଇ କଥା ଶୁଣି ରଙ୍ଗି କହିଲା- "ପିଲାଟି ଦିନରୁ ତ ମୁଁ ଦେଖି ଆସୁଛି। କେତେ ଜମି, ଘରଦ୍ୱାର ଖୋଳି ତାଡ଼ି ନଷ୍ଟ କରୁଛ। କେତେ ଖାଦ୍ୟ ଶସ୍ୟ ଲୁଚେଇ ରଖୁଛ। ହେଲେ ଟୋପାଏ ବରଷା ହେଲେ, ସବୁ ନଷ୍ଟ ହେଇ ଯାଉଛି। ଯିଏ ଏତେ ପରିଶ୍ରମ କରି ଫସଲ ଫଳଉଚି, ତାକୁ କେତେ ବାଧୁ ଥିବ... ତମେ ତ ପରିଶ୍ରମ କରୁନ, ଜାଣିବ କେମିତି.... ?"

ଥରକୁ ଥର କାନ କୁଣ୍ଡେଇ ଚୁପ୍ ଚାପ୍ ବସିଥିବା ଚମ୍ପେଇ କହିଲା- "ଆମେ ତ ପଶୁ। ଏତେ କଥା ବୁଝିବୁ କାହିଁକି ?"

ଚମ୍ପେଇଠାରୁ କଥା ଛଡ଼େଇ ରଙ୍ଗି କହିଲା- "ଦେଖୁନୁ... ତମରି ଭଳି ମଣିଷଗୁଡ଼ାକ ବି ସେଇଆ। କଥା କଥାକେ ବାଡ଼ିଆପିଟା, ପୋଡ଼ାଜଳା, ଆଉ କେତେ କ'ଣ... ବରଷ ବରଷ ପରିଶ୍ରମରେ ଠିଆ



କରିଥିବା ଗାଆଁ, ଗଣ୍ଡା ସହରକୁ ଯୁଦ୍ଧ କରି ଘଡ଼ିକରେ ଛାରଖାର କରୁଛନ୍ତି । ଗଢ଼ିବାକୁ ସିନା ବରଷ ବରଷ ଲାଗୁଛି, ହେଲେ ଭାଙ୍ଗିବାକୁ ତ ନିମିଷେ । ଏଇ ଦେଖୁନୁ- ଦିନ ଦିନ ପରିଶ୍ରମ କରି ମୋ ଛୁଆ ଯେଉଁ ଘରକୁ ଗଢ଼ିଥିଲେ- ତୋ ଛୁଆ ନିମିଷକରେ ତାକୁ ଭାଙ୍ଗି ଦେଲା । ହେଲେ ପାଇଲା କ'ଣ ? ଗଢ଼ିବାରେ ଯୋଉ ଆନନ୍ଦ, ତା' କ'ଣ ଭାଙ୍ଗିବାରୁ ମିଳିବ ?"

ଲାଜରେ ଗୋଲ ଗୋଲ ଆଖି ଦୁଇଟାକୁ ତଳକୁ ପୋତି ଚମ୍ପେଇ କହିଲା- "ଆମର ଦୋଷ କ'ଣ ? ଆମ ଚଉଦ ପୁରୁଷରୁ ତ ଆମେ ଖୋଳି ତାଡ଼ି ନଷ୍ଟ କରି ଶିଖିଛୁ । ଏବେ ଆଉ ଆମକୁ ସୁଧାରିବ କିଏ ?"

ହସି ହସି ରଙ୍ଗି କହିଲା- "କିଏ କାହିଁକି ସୁଧାରିବ ? ସବୁ ନିଜେ । ତମେ ଚାହିଁଲେ, ନିଜକୁ ସୁଧାରିବ ନିଜେ ।"